ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Tourism(OD)/ 1402/06-03-2021**

# ଭୁବନେଶ୍ୱରଠାରେ କାଶ୍ମୀର ପର୍ଯ୍ୟଟନ ବିଭାଗର ରୋଡ୍ ସୋ

## ଦେଶର ଘରୋଇ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ବିଶେଷ ଯୋଜନା

ଭୁବନେଶ୍ୱର, ତା.୦୬/୦୩/୨୦୨୧

ଶୀତଋତୁରେ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଆଗମନକୁ ଆଖିରେ ରଖି ଜାମ୍ମୁ ଓ କାଶ୍ମୀର ସରକାରଙ୍କ ପର୍ଯ୍ୟଟନ ବିଭାଗ ଆଗାମୀ ବସନ୍ତ ଓ ଗ୍ରୀଷ୍ମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଦେଶର ବିଭିନ୍ନ ପ୍ରମୁଖ ନଗରରେ ରୋଡ୍ ସୋ ଅଭିଯାନ ଆରମ୍ଭ କରିବାର ପ୍ରୟାସ କରିଛନ୍ତି । କୋଭିଡ୍ ମହାମାରୀରେ ଘର ଭିତରେ ମାସ ମାସ ଧରି ରହିବା ପରେ ବାହାରେ ନିଜ ପ୍ରିୟଜନଙ୍କ ସହ ସମୟ ବିତାଇବାର ଏହା ପ୍ରକୃଷ୍ଟ ସୁଯୋଗ ।

ଜାମ୍ମୁ ଓ କାଶ୍ମୀର ପର୍ଯ୍ୟଟନ ବିଭାଗ ଏହାକୁ ଏକ ପର୍ଯ୍ୟଟକ ପ୍ରୋତ୍ସାହନ ଅଭିଯାନ ଭାବେ ଦେଶର ବିଭିନ୍ନ ସ୍ଥାନ ଓ ନଗରରେ ଆୟୋଜନ କରୁଛି । ଏହିକ୍ରମରେ ପୂର୍ବତଟୀୟ ସହର ଭୁବନେଶ୍ୱରଠାରେ ଏହାର ଆୟୋଜନ କରାଯାଉଛି । ଏହାକୁ ପର୍ଯ୍ୟଟନ ବିଭାଗ ଓ ଜାମ୍ମୁକାଶ୍ମୀର ହାଉସ୍ ବୋଟ ମାଲିକ ସଂଘ ସହିତ ଇଦିଲ୍ ସଲିମ୍, ଉପନିର୍ଦ୍ଦେଶକ (ପ୍ରସାରଣ), ଜାମ୍ମୁ ଓ କାଶ୍ମୀର, ଅଶ୍ୱିନୀ ଗୁପ୍ତା, ଉପମହାପ୍ରବନ୍ଧକ, ଜାମ୍ମୁ ଓ କାଶ୍ମୀର ପର୍ଯ୍ୟଟନ ବିକାଶ ନିଗମକୁ ପ୍ରତିନିଧିତ୍ୱ କରୁଛନ୍ତି ଏବଂ  ଜାମ୍ମୁକାଶ୍ମୀର ହାଉସ୍ ବୋଟ ମାଲିକ ସଂଘକୁ ତା'ର ଅଧକ୍ଷ ମି. ହମିଦ୍ ୱଗନୁ ପ୍ରତିନିଧିତ୍ୱ କରୁଛନ୍ତି ।

ପ୍ରେସ୍ ମିଟ୍ ବ୍ୟତୀତ ଆଜିର ଏହି କାର୍ଯ୍ୟକ୍ରମରେ କେତୋଟି କ୍ଷୁଦ୍ର ଭିଡ଼ିଓ ସୋ ପ୍ରଦର୍ଶନ କରି ଜାମ୍ମୁ ଓ କାଶ୍ମୀରକୁ ଜାଣିବାକୁ କେତେକ ପ୍ରୋତ୍ସାହନ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା ।

ଏହି ଅବସରରେ ଉପନିର୍ଦ୍ଦେଶକ ମି. ଇଦିଲ୍ ସଲିମ୍ କହିଥିଲେ ଯେ ବିଶ୍ୱ ପର୍ଯ୍ୟଟନ ଦିବସ, ୨୭ ସେପ୍ଟେମ୍ବର ୨୦୨୦ରେ ଆୟୋଜିତ ହେବା ପରଠାରୁ ଏ ଦିଗରେ ନିରନ୍ତର ଭାବେ ପର୍ଯ୍ୟଟନର ପ୍ରୋତ୍ସାହନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଏ ବାବଦରେ ବହୁ କାର୍ଯ୍ୟକ୍ରମ ଯଥା ୱେବିନାର୍, ପ୍ରସାର ଅଭିଯାନ, ଉଭୟ ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧମରେ ଲୋକଙ୍କୁ ବାର୍ତ୍ତା ପହଞ୍ଚାଇବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଜାମ୍ମୁ ଓ କାଶ୍ମୀର ଓଡ଼ିଶାର ଲୋକଙ୍କୁ ଏହି ନୈସର୍ଗିକ ରାଜ୍ୟକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ରହିଛି । ପର୍ଯ୍ୟଟକମାନେ ଜାମ୍ମୁ ଓ କାଶ୍ମୀର ଆସି ତା'ର ଅପୂର୍ବ ଶୋଭାରେ ଭରପୂର ଗୁଲମାର୍ଗ, ଶ୍ରୀନଗର, ପାଲଗାମ୍, ପାଟନୀଟପ୍, ନାଥା ଟପ୍, ସନ୍‌ମାର୍ଗ ଏବଂ ଦୁଧ୍‌ପଥ୍ରୀ ପରି ଅନେକ ସ୍ଥାନ ଭ୍ରମଣର ସୁଯୋଗ ନେଇପାରିବେ । ଗୁଲମାର୍ଗ ଖେଲୋ ଇଣ୍ଡିଆର ଦ୍ୱିତୀୟ ସଂସ୍କରଣକୁ ଆୟୋଜିତ କରିଛି ଯେଉଁଥିରେ ହଜାର ହଜାର ସଂଖ୍ୟାରେ ଖେଳାଳୀ ଅଂଶଗ୍ରହଣ କରିଛନ୍ତି ବୋଲି ସେ କହିଥିଲେ ।

କିଛି ଦିନ ପୂର୍ବେ ସଫଳତାର ସହିତ ଗୁଜୁରାଟ୍‌ର ଅହମ୍ମଦାବାଦଠାରେ ରୋଡ୍ ସୋ ଆୟୋଜିତ କରିଛୁ । ଆଜି ଓଡ଼ିଶାର ଭୁବନେଶ୍ୱରରେ ଏହା ଆୟୋଜିତ ହେଉଛି । ଆଜି ମଧ ବେଙ୍ଗାଲୁରୁ, ଭୋପାଳ ଏବଂ ଆଗାମୀ ଦିନରେ ଇନ୍ଦୋର, ଚେନ୍ନାଇ, ରାୟପୁର, ମୁମ୍ବାଇ, ନୂଆଦିଲ୍ଲୀ, କୋଚିନ, ବାରଣାସୀ, ନାଗପୁର ଏବଂ ଅନ୍ୟାନ୍ୟ ସହରଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହାର ମୁଖ୍ୟ ଉଦ୍ଦେଶ୍ୟ କାଶ୍ମୀର ଉପରେ ଥିବା ସନ୍ଦେହ ଦୂର କରିବା ଏବଂ ଏହି ରାଜ୍ୟର ଅତ୍ୟନ୍ତ ମନୋଲୋଭା ଆକର୍ଷଣୀୟ ସ୍ଥାନଗୁଡ଼ିକୁ ଲୋକଲୋଚନକୁ ଆଣିବା ।

ଏହି ମାସ ଆମର ଆଲମଣ୍ଡ ବ୍ଲୁମ୍ ପର୍ବ ଆୟୋଜିତ ହେବ । ତା’ସହିତ ଅପ୍ରେଲରେ ଟୁଲିପ୍ ଫେଷ୍ଟିଭାଲ, ଗ୍ରୀଷ୍ମରେ ଗ୍ରାଣ୍ଡ ହାଉସ୍ ବୋଟ  ଉତ୍ସବ ମଧ୍ୟ ଆୟୋଜିତ ହେବ । ଆମେ ଏସବୁ ପର୍ବକୁ ଆଗୁଆ ନିମନ୍ତ୍ରଣ କରୁଛୁ । ଆନ୍ତର୍ଜାତିକ ପର୍ଯ୍ୟଟକଙ୍କୁ ଆସିବା ନିଷେଧ ଥିବାଯୋଗୁଁ ଘରୋଇ ପର୍ଯ୍ୟଟକ ବିଦେଶ ଯିବାକୁ ଚାହୁଁନାହାନ୍ତି । ସେମାନଙ୍କୁ ଜାମ୍ମୁ ଓ କାଶ୍ମୀର ଆସିବାର ଏହା ଏକ ଅପୂର୍ବ ସୁଯୋଗ ।

ହାଉସ୍ ବୋଟ ହେଉଛି ଜାମ୍ମୁ ଓ କାଶ୍ମୀରର ମୁଖ୍ୟ ଆକର୍ଷଣ । ଚଳିତ ବର୍ଷ ଆମେ ଏଥିରେ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛୁ । ଜାମ୍ମୁକାଶ୍ମୀର ହାଉସ୍ ବୋଟ ମାଲିକ ସଂଘର ଅଧକ୍ଷ କହିଲେ ଯେ ଓଡ଼ିଶା ରାଜ୍ୟ ଜାମ୍ମୁ ଓ କାଶ୍ମୀରର ଏକ ମୁଖ୍ୟ ପର୍ଯ୍ୟଟନ ବଜାର । ଏଥର ବହୁସଂଖ୍ୟାରେ ପର୍ଯ୍ୟଟକ ଜାମ୍ମୁ ଓ କାଶ୍ମୀର ଯାଇଛନ୍ତି । ସେ ସ୍ଥାନୀୟ ଲୋକଙ୍କୁ ତଥା ଟୁର ଓ ଟ୍ରାଭେଲ୍ ଏଜେଣ୍ଟ ଏବଂ ପର୍ଯ୍ୟଟନ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଜାମ୍ମୁ ଓ କାଶ୍ମୀର ଭ୍ରମଣରେ ଯିବା ପାଇଁ ନିବେଦନ କରି ଏହା ବହୁ ପୁରୁଣା ସଂପର୍କକୁ ଆହୁରି ଦୃଢ଼ କରିବ ବୋଲି ଆଶା ପ୍ରକଟ କରିଛନ୍ତି ।

ସୁବାଷ ନିଆଲ
ସୂଚନା ଅଧିକାରୀ